# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**02nd September - 2024**

**News Editor : *Itishree Singh Rathuar***

*********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର କ୍ୟାବିନେଟ୍ ବୈଠକରେ କୃଷିର ଉନ୍ନତି ପାଇଁ ଡିଜିଟାଲ୍ କୃଷି ଅଭିଯାନ ସମେତ ୭ଟି ଯୋଜନାକୁ ଅନୁମୋଦନ ।

- ବିଧାନସଭାରେ ୨ ହଜାର ୮୩୪ କୋଟି ଟଙ୍କାର ସ୍ୱାସ୍ଥ୍ୟ ବିଭାଗର ଖର୍ଚ୍ଚଦାବି ଉପସ୍ଥାପିତ ।

- ଓଡ଼ିଆ ଭାଷାରେ ଡାକ୍ତରୀ ପାଠ୍ୟକ୍ରମ ପ୍ରଚଳନପାଇଁ କମିଟି ଗଠନ କରାଯାଇଥବବା ଗୃହରେ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା ।

ଏବଂ

- ଜନସାଧାରଣଙ୍କୁ ସୁଭଦ୍ରା ଯୋଜନା ସମ୍ପର୍କିତ ସୂଚନା ସହଜରେ ଉପଲବ୍ଧ କରାଇବାପାଇଁ ଆରମ୍ଭ ହେଲା ୱେବ୍ ପୋର୍ଟାଲ୍ ।

GNR

# ଡିଜିଟାଲ୍ କୃଷି ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ କୃଷି ଓ କୃଷକମାନଙ୍କ ଉନ୍ନତି ପାଇଁ ୭ଟି ଯୋଜନାକୁ ମଞ୍ଜୁରି ମିଳିଛି । ଏଥିପାଇଁ ୧୩ ହଜାର ୯୬୬ କୋଟି ଟଙ୍କା ବ୍ୟୟ କରାଯିବ । ଏଥିରେ ଡିଜିଟାଲ୍ କୃଷି ଅଭିଯାନକୁ ଅନୁମୋଦନ ମିଳିଛି । ଏହି ଅଭିଯାନରେ ୨ ହଜାର ୮୧୭ କୋଟି ଟଙ୍କା ଖର୍ଚ୍ଚ ହେବ । କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ର ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ସରକାର କୃଷି ସମ୍ବନ୍ଧିତ ଶିକ୍ଷାର ଉନ୍ନତି ପାଇଁ ନିଷ୍ପତ୍ତି ନେଇଛନ୍ତି । ସେହିଭଳି କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକର ବିକାଶ ପାଇଁ ୧ ହଜାର ୨୦୨ କୋଟି ଟଙ୍କା ଖର୍ଚ୍ଚ ହେବ । ଭାରତୀୟ କୃଷି ଗବେଷଣା ପରିଷଦ ଅଧୀନରେ କୃଷି ଗବେଷଣା ଓ ଶିକ୍ଷାର ଆଧୁନିକୀକରଣ କରାଯିବ । ପଶୁ ସମ୍ପଦର ସୁରକ୍ଷା ଏବଂ ଅଧିକ ଉତ୍ପାଦନ ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି । ଏଥିପାଇଁ ୧ ହଜାର ୭୦୨ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି ।

# ବିଧାନସଭା

ବିଧାନସଭାରେ ଆଜି ଦ୍ୱିତୀୟାର୍ଦ୍ଧରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ୍ ବିଭାଗର ଖର୍ଚ୍ଚଦାବି ଉପସ୍ଥାପନ କରିଥିଲେ । ମନ୍ତ୍ରୀ ଚଳିତ ଆର୍ଥିକ ବର୍ଷପାଇଁ ୨ ହଜାର ୮୩୪ କୋଟି ୩୮ ଲକ୍ଷ ୮୨ ହଜାର ଟଙ୍କାର ଖର୍ଚ୍ଚ ଦାବି ଉପସ୍ଥାପନ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ଖର୍ଚ୍ଚ ଦାବି ଆଲୋଚନା ସମୟରେ ସୁଭଦ୍ରା ଯୋଜନାରେ ସବୁ ମହିଳାଙ୍କୁ ସାମିଲ୍ କରିବା ଦାବି ନେଇ ବିରୋଧୀ ସଦସ୍ୟମାନେ ପୁଣି ଥରେ ହଟ୍ଟଗୋଳ ଆରମ୍ଭ କରିଥିଲେ ।

*Assembly Review*

# ଡାକ୍ତରୀ ପାଠ୍ୟକ୍ରମ – ଓଡ଼ିଆ ଭାଷା

ରାଜ୍ୟରେ ଓଡ଼ିଆ ଭାଷାରେ ଡାକ୍ତରୀ ପାଠ୍ୟକ୍ରମ ପ୍ରଚଳନ କରିବାପାଇଁ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି । ଆଜି ବିଧାନସଭାରେ ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ୍ କହିଛନ୍ତି, ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାଲାଗି ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି । ସମ୍ପୃକ୍ତ କମିଟି ଓଡ଼ିଆ ଭାଷାରେ ଅନୁବାଦ ହେବାକୁ ଥିବା

ଏମ୍.ବି.ବି.ଏସ୍. ଶିକ୍ଷାପାଇଁ ଆବଶ୍ୟକ ପାଠ୍ୟପୁସ୍ତକ ଚୟନ କରିବା ଏବଂ ଅର୍ଥରାଶି ଆକଳନ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ ବୋଲି ସେ କହିଛନ୍ତି ।

***BBSR/R***

# ଭିଜିଲାନ୍ସ ଚଢ଼ଉ

ରାଜ୍ୟରେ ଗତ ୨ ମାସ ମଧ୍ୟରେ ୩୯ ଜଣ ସରକାରୀ କର୍ମଚାରୀଙ୍କ ଉପରେ ଭିଜିଲାନ୍ସ ଚଢ଼ଉ ହୋଇଛି । ସେମାନଙ୍କ ନିକଟରୁ ମୋଟ ୪୯ କୋଟି ୩୫ ଲକ୍ଷ ୯୮ ହଜାର ୭୧୪ ଟଙ୍କାର ଆୟ ବର୍ହିଭୁତ ସମ୍ପତ୍ତି ଜବତ କରାଯାଇଛି । ବିଧାୟିକା ଉପାସନା ମହାପାତ୍ରଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ କହିଛନ୍ତି ।

ସେ କହିଛନ୍ତି, ୨୦୨୩ ମସିହା ଅଗଷ୍ଟ ପହିଲାରୁ ୨୦୨୪ ମସିହା ଅଗଷ୍ଟ ୨୫ ତାରିଖ ମଧ୍ୟରେ ଚଢ଼ାଉ କରାଯାଇ ମୋଟ ୧୧୫ କୋଟି ୭୫ ଲକ୍ଷ ୬୦ ହଜାର ୯୬୫ ଟଙ୍କାର ସମ୍ପତ୍ତି ଜବତ ହୋଇଛି ।

***BBSR/R***

# ଏକାମ୍ର ପ୍ରକଳ୍ପ

ରାଜ୍ୟ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଭୁବନେଶ୍ୱର ଏକାମ୍ର ପ୍ରକଳ୍ପ ସମୀକ୍ଷା କରିଛନ୍ତି । ଏହି ସମୟରେ ସେ କହିଛନ୍ତି, ପ୍ରକଳ୍ପର ଗତି ବଢ଼ାଇବାପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ବୈଠକ ଅନୁଷ୍ଠିତ ହେବ । ପ୍ରତି ସପ୍ତାହରେ ଏକ ଟିମ୍ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ରିପୋର୍ଟକ ଦେବେ ବୋଲି ମନ୍ତ୍ରୀ କହିଛନ୍ତି ।

***Puri/R***

# ଶକ୍ତିକାନ୍ତ ଦାସ - ଜଗନ୍ନାଥ ଦର୍ଶନ

ଭାରତୀୟ ରିଜର୍ଭ ବ୍ୟାଙ୍କ୍ର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ଚାରିଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଶ୍ରୀ ଦାଶଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ତରଫରୁ ସିଂହଦ୍ୱାରଠାରେ ଖଣ୍ଡୁଆ ଦେଇ ସ୍ୱାଗତ କରାଯାଇଥିଲା ।

*Desk*

# ବି.ଜେ.ପି. ସଦସ୍ୟତା ଅଭିଯାନ

ରାଜ୍ୟରେ ଆସନ୍ତାକାଲିଠାରୁ ବିଜେପିର ସଦସ୍ୟତା ଅଭିଯାନ ଆରମ୍ଭ ହେବ। ଏଥିସହ ଦଳୀୟ ସଦସ୍ୟଙ୍କର ମଧ୍ୟ ପୁନଃନବୀକରଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଦଳର ସଭାପତି ମନମୋହନ ସାମଲ କହିଛନ୍ତି । ଦଳର ରାଜ୍ୟସଭାପତି, ମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ଅନ୍ୟାନ୍ୟ ଦଳୀୟ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କର ସଦସ୍ୟତା ନବୀକରଣ ଆସନ୍ତାକାଲି ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଶ୍ରୀ ସାମଲ କହିଛନ୍ତି, ଘରକୁ ଘର ଯାଇ ସମାଜର ସବୁସ୍ତରର ଲୋକଙ୍କ ସଦସ୍ୟତା ପାଇଁ ପଦକ୍ଷେପ ନିଆଯିବ। ଓଡ଼ିଶାରେ ଦଳର ପ୍ରାୟ ୪୨ ଲକ୍ଷ ସଦସ୍ୟ ରହିଛନ୍ତି ବୋଲି ସେ କହିଛନ୍ତି। ଦୁଇଟି ପର୍ଯ୍ୟାୟରେ ଚାଲିବାକୁ ଥିବା ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟ ୨୫ ତାରିଖ ପର୍ଯ୍ୟନ୍ତ ଏବଂ ଅକ୍ଟୋବର ୨ରୁ ୧୫ ତାରିଖ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ସଦସ୍ୟତା ଅଭିଯାନ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି।

# ସୁଭଦ୍ରା ଯୋଜନା

ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ସୁଭଦ୍ରା ଯୋଜନାର ୱେବ୍ ପୋର୍ଟାଲ୍ subhadra.odisha.gov.inର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ସୁଭଦ୍ରା ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ଯୋଜନା ସମ୍ବନ୍ଧରେ ବିଭିନ୍ନ ତଥ୍ୟ ୱେବ୍ ପୋର୍ଟାଲ୍‌ରେ ଉପଲବ୍ଧ ରହିଛି । ଏହା ମାଧ୍ୟମରେ ଜନସାଧାରଣ ସହଜରେ ଓ ସୁବିଧାରେ ଯୋଜନା ସମ୍ପର୍କରେ ସୂଚନା ପାଇପାରିବେ ।

***Voice*** :..........

ସୁଭଦ୍ରା ଯୋଜନା ପାଇଁ ଟୋଲ୍‌ଫ୍ରି ନମ୍ବର ୧୪୬୭୮ ମଧ୍ୟ ଜାରି କରାଯାଇଛି । ଏହା ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ । ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୭ ତାରିଖରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ । ଏଥିପାଇଁ ଆବେଦନ ଆରମ୍ଭ ହୋଇଯାଇଛି । ଆବେଦନକାରୀ ମୋ ସେବାକେନ୍ଦ୍ର, ଜନସେବା କେନ୍ଦ୍ର ଏବଂ ଜିଲ୍ଲାପାଳଙ୍କଦ୍ୱାରା ନିରୂପଣ କରାଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଆସନ୍ତା ବୁଧବାର ସୁଦ୍ଧା ଫର୍ମ ସଂଗ୍ରହ କରିପାରିବେ ।

***Jharsuguda, Nayagarh, Rayagada, Boudh, Sonepur, Sambalpur/R***

# ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଝାରସୁଗୁଡ଼ା ଜିଲ୍ଲାରେ ଅନୁଷ୍ଠିତ ଶିବିରରେ ୭୦ଟି ଅଭିଯୋଗର ଶୁଣାଣି ହୋଇଥଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଆବୋଲି ସୁନିଲ୍ ନରୱାଣେ ଓ ଆରକ୍ଷୀ ଅଧିକ୍ଷକ ସ୍ମିତ ପରମାର ଅଭିଯୋଗ ଶୁଣାଣି କରି ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ନୟାଗଡ଼ ଜିଲା ସଦର ମହକୁମାରେ ଅନୁଷ୍ଠିତ ଶିବିରରେ ୧୮୧ଟି ପଞ୍ଜିକୃତ ଅଭିଯୋଗ ମଧ୍ୟରୁ ୮୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

ରାୟଗଡା ଜିଲ୍ଲା ସଦର ମହକୁମାସ୍ଥିତ ସଦଭାବନା ସଭାଗୃହଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୮୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଜିଲ୍ଲାପାଳ ୮ ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା କୋଷରୁ ୭୫ ହଜାର ଟଙ୍କା ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

ବୌଦ୍ଧ ଜିଲା ହରଭଂଗା ବ୍ଲକ କାର୍ଯ୍ୟାଳୟଠାରେ ଆଜି ଅନୁଷ୍ଠିତ ଜନଶୁଣାଣି ଶିବିରରେ ଅଣାନବେଟି ଅଭିଯୋଗ ମଧ୍ୟରୁ ୩୨ଟି ଅଭିଯୋଗର

ତତକାଳ ସମାଧାନ କରାଯାଇଛି । ଶିବିରରେ ଜଣଙ୍କୁ ବିଦ୍ୟୁତ ଚଳିତ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିବା ଜଣାଯାଇଛି ।

ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ଅନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ଅଭିଯୋଗଗୁଡ଼ିକର ଶୁଣାଣି କରିଛନ୍ତି । ଏଥିରେ ୩୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ।

ସମ୍ବଲପୁର ଧନକଉଡ଼ା ବ୍ଲକ୍‌ରେ ଆୟୋଜିତ ଜନଶୁଣାଣି ଶିବିରରେ ୭୨ଟି ଅଭିଯୋଗର ଶୁଣାଣି କରାଯାଇଥିବା ଜଣାପଡ଼ିଛି ।

କେନ୍ଦ୍ରାପଡ଼ା ଜିଲ୍ଲା ସଦର ମହକୁମାରେ ଅନୁଷ୍ଠିତ ମିଳିତ ଜନଲୁଣାଣି ଶିବିରରେ ୨୨୮ଟି ଅଭିଯୋଗର ଶୁଣାଣି କରାଯାଇଛି ।

***Kandhamal/R***

# ରାଷ୍ଟ୍ରୀୟ ଲୋକ ଅଦାଲତ

କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଆସନ୍ତା ୧୪ ତାରିଖରେ ଜିଲ୍ଲା କୋର୍ଟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମାମଲାଗୁଡ଼ିକର ଆପୋଷ ସମାଧାନ କରାଯିବ ବୋଲି ଜଣାପଡ଼ିଛି ।

*Puri/R*

## ପୁରୀ - ସପ୍ତପୁରୀ ଅମାବାସ୍ୟା

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ସପ୍ତପୁରୀ ଅମାବାସ୍ୟା ପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ । ଏଥିପାଇଁ ଆଜିଠାରୁ କୁମ୍ଭାରପଡ଼ା ନିକଟରେ ଥିବା ମା' ଆଲାମଚଣ୍ଡୀ ମନ୍ଦିରରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଚାରି ଗୋଟି ମାଟିର ତାଡ଼ ଶ୍ରୀମନ୍ଦିରକୁ ବିଜେ କରାଯାଇଛି । ପରମ୍ପରା ଅନୁସାରେ ଆଜି ଶ୍ରୀମନ୍ଦିରରୁ ମା' ଦକ୍ଷିଣକାଳୀ ମନ୍ଦିରକୁ ଆଜ୍ଞାମାଳ ବିଜେ ହେବ ।

*Nuapada/R*

## ସପ୍ତପୁରୀ ଅମାବାସ୍ୟା

ନୂଆପଡ଼ା ଜିଲ୍ଲା ପୁରପଲ୍ଲୀରେ ଆଜି ସପ୍ତପୁରୀ ଅମାବାସ୍ୟା ବା ପୁରା ଉଁଆସ ପାଳିତ ହୋଇଛି । ଆଜିର ଦିନକୁ ଶିକ୍ଷଣୀୟ, ସାମାଜିକ ଘରକରଣା ଏବଂ କୃଷି କାର୍ଯ୍ୟରେ ନିୟୋଜିତ ପ୍ରାଣୀଙ୍କ ପୂଜା ଅର୍ଚ୍ଚନା କରିବାର ଏକ ସାଙ୍କେତିକ ଦିବସ ରୂପେ ପାଳନ କରାଯାଇଥାଏ । ଏହି ପର୍ବ ପାଳନ ନେଇ ବଜାରରେ ମଧ୍ୟ ମାଟି ପାତ୍ର ବିକ୍ରି ହେଉଥିବା କୁଣି କାଞ୍ଚି, ଚୂଲି, କଢ଼େଇ, ଅନେକ ମାଟି ସାମଗ୍ରୀ ବିକ୍ରି ହେଉଛି ।

ବୌଦ୍ଧର ଇଷ୍ଟଦେବୀ ମାଁ ଭୈରବୀଙ୍କ ପୀଠରେ ସପ୍ତପୁରୀ ଅମାବାସ୍ୟା ଅବସରରେ ପାରମ୍ପରିକ ରିତିନିତି ସହ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଛି ।

ପାରମ୍ପରିକ ରୀତିନୀତି ସହ ସକାଳର ନିତିକାନ୍ତି ସରିବା ପରେ ମାଁ ଭୈରବୀଙ୍କ ବେଶ କରାଯାଇଥିଲା । ମାଁ ଭୈରବୀଙ୍କ ଠାରେ ପୀଠା ଭୋଗ ସହ ନୂତନ ଶସ୍ୟ ଲାଗି କରାଯାଇଥିଲା ।

***GNR***

# ପାରା ଅଲିମ୍ପିକ୍ସ

ପ୍ୟାରିସ୍ ପାରା ଅଲିମ୍ପିକ୍ସ-୨୦୨୪ରେ ପଞ୍ଚମ ଦିନରେ ଆଜି ବ୍ୟାଡ୍‌ମିଣ୍ଟନ ଖେଳାଳି ନୀତେଶ କୁମାର ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । SL3 ବର୍ଗରେ ନୀତେଶ କୁମାର ଗ୍ରେଟ୍ ବ୍ରିଟେନ୍‌ର ଡାନିଏଲ୍ ବେଥେଲ୍‌ଙ୍କୁ ୨୧-୧୪, ୧୮-୨୧ ଓ ୨୩-୨୧ ସେଟ୍‌ରେ ପରାସ୍ତ କରିଛନ୍ତି । ପୁରୁଷ ଡିସ୍‌କସ୍ ଥ୍ରୋ'ରେ F56 ବର୍ଗରେ ଯୋଗେଶ କାଥୁନିଆ ରୌପ୍ୟ ପଦକ ହାସଲ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଭାରତ ୯ଟି ପଦକ ହାସଲ କରିଛି ।

***Desk, Sambalpur/R***

# ପାଣିପାଗ

ରାଜ୍ୟରେ ମୌସୁମୀର ପ୍ରଭାବରେ କେତେକ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା

ଅନୁସାରେ ଆସନ୍ତାକାଲିଠାରୁ ବର୍ଷାର ପରିମାଣ ହ୍ରାସ ପାଇବ । ତେବେ ଆସନ୍ତା ଗୁରୁବାରଠାରୁ ରାଜ୍ୟରେ ବର୍ଷା ବୃଦ୍ଧି ପାଇବ ବୋଲି ସୂଚନା ମିଳିଛି ।

ଅପରପକ୍ଷରେ ଉପରମୁଣ୍ଡରେ ବର୍ଷା ନ ହେବା ଯୋଗୁଁ ଜଳସ୍ତର ହ୍ରାସ ପାଇବା ପରେ ହୀରାକୁଦ ଜଳଭଣ୍ଡାରର ସମସ୍ତ ଗେଟ୍ ବନ୍ଦ୍ କରାଯାଇଛି । ସୂଚନା ଅନୁସାରେ, ବର୍ତ୍ତମାନ ଜଳଭଣ୍ଡାରରେ ଜଳସ୍ତର ୬୨୨ ଦଶମିକ ୨/୯ ଫୁଟ ରହିଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୪୧ ହଜାର ୬୧୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିବାବେଳେ ୩୦ ହଜାର ୫୭୧ କ୍ୟୁସେକ୍ ଜଳ ପ୍ରବେଶ କରୁଛି ।

*****